## ଦେଶରେ କୋଭିଡ୍ ଟିକା ଏବେ ପରୀକ୍ଷା ପର୍ଯ୍ୟାୟରେ

**ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:** ସଂପ୍ରତି ଭାରତର ୩ଟି କୋଭିଡ୍-୧୯ ପ୍ରତିଷେଧକ ଟିକା କ୍ଲିନିକାଲ ଟ୍ରାଏଲ ପର୍ଯ୍ୟାୟରେ ରହିଛି । ଏ ସମ୍ପର୍କରେ ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଆଇସିଏମ୍ଆର ଡିଜି ବଳରାମ ଭାର୍ଗଭ କହିଛନ୍ତି ଯେ, ଏବେ ୩ଟି କୋଭିଡ୍-୧୯ ପ୍ରତିଷେଧକ ଟିକା ଭାରତରେ କ୍ଲିନିକାଲ ଟ୍ରାଏଲ ପର୍ଯ୍ୟାୟରେ ରହିଛି । କ୍ୟାଡିଲା ଏବଂ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଟିକାର ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ଶେଷ ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ପାଇଁ ପ୍ରସ୍ତୁତି ଚାଲିଛି । ସେରମ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ଟିକା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇଛି ଏବଂ କ୍ଲିୟରାନ୍ସ ପରେ ଦେଶର ୧୪ଟି ସ୍ଥାନରେ (୧୫୦୦ ରୋଗୀଙ୍କ ଶରୀରରେ) ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଆରମ୍ଭ ହେବ ।

## ଅରୁଣାଚଳ ସୀମାରେ ସେନା ଠୁଳ କରୁଛି ଚୀନ୍

**ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:** ଲଦାଖର ରେଜାଙ୍ଗ ଲା-ରେଚେନ୍ ଲା ଅଞ୍ଚଳରେ ଚୀନ୍ ସେନା ଘୋର ପ୍ରତିରୋଧର ସାମ୍ନା କରିବାରୁ ଏବେ ଅରୁଣାଚଳ ପ୍ରଦେଶର ୪ଟି ସ୍ଥାନରେ ନିଜର କାୟା ବିସ୍ତାର କରିବାକୁ ଉଦ୍ୟମ କରୁଛି । ଭାରତୀୟ ଅଞ୍ଚଳ ଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଥିବା ଅରୁଣାଚଳ ସୀମାର ଆସଫିଲା, ଟୁଟିଙ୍ଗ ଅକ୍ଷ, ଚାଙ୍ଗ ଟେଜ୍ ଏବଂ ପିସ୍ଥାଇଲ୍-୨ ସେକ୍ଟରରେ ଚୀନ୍ ତାର ସୈନ୍ୟ ଠୁଳ କରିଛି ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛି । ଏହି ଅଞ୍ଚଳରେ ଚୀନ୍ ସୈନ୍ୟ କିଛି ଜନଶୂନ୍ୟ ଅଞ୍ଚଳ କିମ୍ବା କାବୁ କରିପାରେ ବୋଲି ଅନୁମାନ କରାଯାଉଛି । ଚୀନ୍‌ର ଏପରି ଉଦ୍ୟମକୁ ପଣ୍ଡ କରିବାକୁ ଭାରତୀୟ ସେନା ପୁରା ପ୍ରସ୍ତୁତ ରହିଛି ।

## ପଶ୍ଚିମବଙ୍ଗରେ ପୂଜକଙ୍କୁ ମିଳିବ ଘର ଓ ମାସିକ ଭତ୍ତା

**କୋଲକାତା, ୧୫।୯/ଏଜେନ୍ସି:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗରିବ ପୂଜକଙ୍କ ପାଇଁ କେତେକ ଘୋଷଣା କରିଛନ୍ତି । ଏହି ଘୋଷଣା ଅନୁଯାୟୀ ଗରିବ ପୂଜକଙ୍କୁ ମାସିକ ୧୦୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ । ଏଥିସହିତ ମମତା ଏକ ଦଳିତ ଏକାଡେମୀ ପ୍ରତିଷ୍ଠା ଏବଂ ହିନ୍ଦୀ ଏକାଡେମୀ ଓ ରାଜବଂଶୀ ଏକାଡେମୀର ସମ୍ପ୍ରସାରଣ ଲାଗି ମଧ୍ୟ ଘୋଷଣା କରିଛନ୍ତି । ଏହା ବ୍ୟତୀତ ସେ ତାଙ୍କ ସରକାରର 'ସର୍ବ ଧର୍ମ ସମନ୍ୱୟ' ଆଭିମୁଖ୍ୟର ଏକ ଅଂଶ ଭାବରେ ବାଙ୍କୁଡା ବିଷ୍ଣୁପୁରରେ ଚତୁର୍ଦ୍ଦଶ ଶତାବ୍ଦୀର ଐତିହ୍ୟ ମନ୍ଦିରଗୁଡିକର ପୁନରୁଦ୍ଧାର ପ୍ରତି ବିଶେଷ ଗୁରୁତ୍ୱାରୋପ କରିଛନ୍ତି ।

## ୧୦ ଦିନ ପାଇଁ ପୁଲିସ ହାଜତକୁ ଗଲେ ଉମର ଖାଲିଦ

**ନୂଆଦିଲ୍ଲୀ,୧୫।୯/ଏଜେନ୍ସି :** ଜବାହରଲାଲ୍ ନେହରୁ ୟୁନିଭର୍ସିଟି (ଜେଏନ୍ୟୁ)ର ପୂର୍ବତନ ଛାତ୍ର ଉମର ଖାଲିଦଙ୍କୁ ୧୦ ଦିନ ପାଇଁ ପୁଲିସ ହାଜତକୁ ପଠାଇ ଦେଇଛନ୍ତି କୋର୍ଟ । ଉତ୍ତର-ପୂର୍ବ ଦିଲ୍ଲୀରେ ସୃଷ୍ଟି ସାମ୍ପ୍ରଦାୟିକ ଦଙ୍ଗାରେ ତାଙ୍କର ବିବାଦୀୟ ଭୂମିକା ପ୍ରତି ଦୃଷ୍ଟିପାତ କରି କୋର୍ଟ ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ରବିବାର ରାତିରେ ଉମରଙ୍କୁ ଦିଲ୍ଲୀ ପୁଲିସ ଗିରଫ କରିବା ପରେ ସୋମବାର ଅପରାହ୍ନରେ କାର୍କାରଡୁମା କୋର୍ଟରେ ହାଜର କରିଥିଲା । ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ତାଙ୍କୁ ପ୍ରାୟ ୧୦ ଘଣ୍ଟା ଧରି ଜେରା କରିଥିଲା ।

## ରାଜ୍ୟସଭାରେ ଜୟା ବଚ୍ଚନଙ୍କ ଅଭିଯୋଗ

# ବଲିଉଡ୍‌କୁ ବଦନାମ ପାଇଁ ଚାଲିଛି ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ,୧୫।୯/ଏଜେନ୍ସି :** ବଲିଉଡ୍‌ରେ ଡ୍ରଗ୍ସ ବିବାଦ ଉପରେ ଏବେ ସମାଜବାଦୀ ପାର୍ଟି ସାଂସଦ ଜୟା ବଚ୍ଚନ ଓ ବିଜେପି ସାଂସଦ ରବି କିଶନ ମୁହାଁମୁହିଁ ହୋଇଛନ୍ତି । ଜୟା ବଚ୍ଚନ କହିଛନ୍ତି, ସେ କହିଛନ୍ତି, ମନୋରଞ୍ଜନ ଉଦ୍ୟୋଗର ଲୋକଙ୍କୁ ସୋସିଆଲ ମିଡିଆର ମାଧ୍ୟମରେ ଉତ୍ତେଜିତ କରାଯାଉଛି । ଏହି ଚଳଚ୍ଚିତ୍ର ଜଗତରେ ନିଜ ନାମ ହାସଲ କରିଥିବା ଲୋକେ ଏହାକୁ ନର୍ଦ୍ଦମା କହିଛନ୍ତି । ମୁଁ ଏଥିରେ ସମ୍ପୂର୍ଣ୍ଣ ଭାବେ ରାଜି ନୁହେଁ । ମୋର ଆଶା ଯେ, ସରକାର ଏପରି ଲୋକଙ୍କୁ ଏହି ପ୍ରକାରର ଭାଷା ପ୍ରୟୋଗ ନକରିବା ପାଇଁ କହିବେ । କେବଳ କିଛି ଖରାପ ଲୋକଙ୍କ ପାଇଁ ଉଦ୍ୟୋଗର ସମ୍ପୂର୍ଣ୍ଣ ଜଗତକୁ ଖରାପ କହିବା ସଠିକ୍ ନୁହେଁ । ଖାଇବା ଥାଳିରେ ଛିଦ୍ର କରିବା ଅନୁଚିତ । ତାଙ୍କ କଥାର ଜବାବ ଦେଇ ରବି କିଶନ କହିଛନ୍ତି ଯେ ଚଳଚ୍ଚିତ୍ର ଦୁନିଆର ସବୁ ଅଭିନେତା ଅଭିନେତ୍ରୀମାନେ ଡ୍ରଗ୍ସ ବ୍ୟବହାର କରୁନାହାନ୍ତି । କିନ୍ତୁ ଯେଉଁମାନେ ଡ୍ରଗ୍ସ ବ୍ୟବହାର କରୁଛନ୍ତି, ସେମାନେ ବଲିଉଡ୍‌କୁ ଖତମ କରିବା ଯୋଜନାରେ ଅଛନ୍ତି ବୋଲି ଧରିନେବାକୁ ହେବ । ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ରାଜ୍ୟସଭାରେ ସାଂସଦ ଜୟା ବଚ୍ଚନ କାହା ନାମ ନନେଇ ବଲିଉଡ୍‌କୁ ଡ୍ରଗ୍ସ ଦୁନିଆ ସହିତ ଯୋଡ଼ିବା ପ୍ରସଙ୍ଗ ଉଠାଇଥିଲେ । ସାଂସଦ ରବି କିଶାନ କହିଥିଲେ ଯେ ସେ ଜୟାଙ୍କଠାରୁ ଏଭଳି ମନ୍ତବ୍ୟ ଆଶା କରିନଥିଲେ । ଅନ୍ୟପକ୍ଷରେ କଙ୍ଗନା ଜୟାଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଯଦି ଆପଣଙ୍କ ପୁଅ ଏଭଳି ଝୁଲିଥାନ୍ତା, ତଥାପି କ'ଣ ଆପଣ ଏଭଳି ବୟାନ ଦେଇଥାନ୍ତେ । ଜୟାଙ୍କ ବିବୃତି ଅନୁସାରେ କିଛି ଲୋକଙ୍କ ହୀନ ଚାଲ ପାଇଁ ସମ୍ପୂର୍ଣ୍ଣ ବଲିଉଡ୍‌କୁ ବଦନାମ କରାଯିବା ଲଜ୍ଜାଜନକ । ଜୟାଙ୍କ ମନ୍ତବ୍ୟ ଉପରେ କଙ୍ଗନାଙ୍କ ପ୍ରତିକ୍ରିୟା ହେଉଛି, 'ଯଦି ମୋ ସ୍ଥାନରେ ଆପଣଙ୍କ ଝିଅ ଶ୍ୱେତାଙ୍କୁ ମାଡ଼ ଦିଆଯାଇଥାନ୍ତା ।

ଡ୍ରଗ୍ସ ଦିଆଯାଇଥାନ୍ତା ଓ ଯୁବାବସ୍ଥାରେ ଶୋଷଣର ଶିକାର ହୋଇଥାନ୍ତେ । ସେତେବେଳେ କ'ଣ ଆପଣ ଏପରି ମନ୍ତବ୍ୟ ଦେଇଥାନ୍ତେ । ଆପଣଙ୍କ ପୁଅ ଅଭିଷେକ ଲଗାତର ନିର୍ଯାତନାର ଶିକାର ହୋଇ ଦିନେ ଏମିତି ଲଟକି ଯାଇଥିଲେ, ଆପଣ କ'ଣ ଏଭଳି ମନ୍ତବ୍ୟ ପ୍ରଦାନ କରିଥାନ୍ତେ । ଆମ ପ୍ରତି ଟିକେ ସହାନୁଭୂତି ପ୍ରଦର୍ଶନ କରନ୍ତୁ । ଗରିବଙ୍କୁ ରୁଟି ମିଳିଗଲା, ବାସ୍ ବହୁତ ହୋଇଗଲା କହିବା ବନ୍ଦ କରନ୍ତୁ । ଏଭଳି ମାନସିକତାରେ ପରିବର୍ତ୍ତନ ଆଣନ୍ତୁ । ଗରିବଙ୍କୁ ରୁଟି ସହିତ ସମ୍ମାନ ଓ ଶ୍ରଦ୍ଧାର ଆବଶ୍ୟକତା ରହିଛି । ମୁଁ ଚାହୁଁଛି, କେନ୍ଦ୍ର ସରକାର ଚଳଚ୍ଚିତ୍ର ଜଗତର ମାମୁଲି କର୍ମଚାରୀ ଓ ଛୋଟ କଳାକାରଙ୍କ କଥା ଶୁଣନ୍ତୁ ।'



## ବିଏମ୍‌ସିଠାରୁ ୨ କୋଟି ଟଙ୍କା ଦାବି କଲେ କଙ୍ଗନା

**ମୁମ୍ବାଇ,୧୫।୯/ଏଜେନ୍ସି :** ବିଏମ୍‌ସିର ବେଆଇନ ଘରଭଙ୍ଗା ବିରୋଧରେ ମଙ୍ଗଳବାର ଅଭିନେତ୍ରୀ କଙ୍ଗନା ରାଣାୱତ ତାଙ୍କ ପିଟିସନ୍ ସଂଶୋଧନ କରିଛନ୍ତି । ଘରଭଙ୍ଗା ବାବଦକୁ ବିଏମ୍‌ସିଠାରୁ ୨ କୋଟି ଟଙ୍କା ଦାବି କରି କଙ୍ଗନା ବମ୍ବେ ହାଇକୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି । ମହାରାଷ୍ଟ୍ର ସରକାରଙ୍କୁ ପ୍ରତିବାଦ କରିବାରୁ ବୃହନ୍‌ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍‌ସି) ବେଆଇନ ଭାବେ ତାଙ୍କ ଘର ଭାଙ୍ଗିଛନ୍ତି ବୋଲି କଙ୍ଗନା ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଶିବସେନା ବିଏମ୍‌ସିର ନେତୃତ୍ୱ ନେଉଛି । ତେଣୁ ସେପ୍ଟେମ୍ବର ୯ ତାରିଖରେ ବିଏମ୍‌ସି ଟିମ୍ କଙ୍ଗନାଙ୍କ ବାନ୍ଦ୍ରାସ୍ଥିତ ପାଲିହିଲ ବଙ୍ଗଳାରେ ପହଞ୍ଚି ବୁଲଡୋଜର ଲଗାଇ ଭଙ୍ଗାରୁଜା କରିଥିଲେ । ବଙ୍ଗଳାର ମାଲିକ ଅନୁପସ୍ଥିତ ଥିଲାବେଳେ ବୁଲଡୋଜର ଲଗାଇ କାହିଁକି ଭାଙ୍ଗିଲ ବୋଲି ବମ୍ବେ ହାଇକୋର୍ଟ ବିଏମ୍‌ସି କର୍ତ୍ତୃପକ୍ଷଙ୍କଠାରୁ କୈଫିୟତ୍ ଲୋଡ଼ିବା ସହ ବେଆଇନ ଭଙ୍ଗା ଉପରେ ରହିତାଦେଶ ଜାରି କରିଛନ୍ତି ।

### ଏମ୍‌ପି ଲ୍ୟାଡ୍ ବନ୍ଦକୁ ବିରୋଧ

## ସାଂସଦଙ୍କ ବେତନ ୩୦ ପ୍ରତିଶତ ହ୍ରାସ ବିଲ୍ ଲୋକସଭାରେ ଗୃହୀତ

**ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:** କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ସାଂସଦମାନଙ୍କର ବେତନ ବର୍ଷକ ପାଇଁ ୩୦ ପ୍ରତିଶତ ହ୍ରାସ କରିବା ନିମନ୍ତେ ଏକ ବିଲ୍ ମଙ୍ଗଳବାର ଲୋକସଭାରେ ସର୍ବସମ୍ମତି କ୍ରମେ ପାସ୍ ହୋଇଛି । ଗତ ସୋମବାର ଲୋକସଭାରେ ଏଥିନେଇ ସାଂସଦମାନଙ୍କର ବେତନ, ଭତ୍ତା ଓ ପେନ୍‌ସନ୍ (ସଂଶୋଧନ) ବିଲ୍ ୨୦୨୦ ଆଗତ ହୋଇଥିଲା । ଏହା ପୂର୍ବରୁ ସରକାର ଏକ ଅଧ୍ୟାଦେଶ ଜାରି କରି ଗତ ଏପ୍ରିଲ ୧ରୁ ସାଂସଦମାନଙ୍କର ବେତନ ୩୦ ପ୍ରତିଶତ ହ୍ରାସ କରିଥିଲେ । ତେବେ ଅଧିକାଂଶ ବିରୋଧୀ ଦଳ ଏମ୍‌ପି ଲ୍ୟାଡ୍ ପାଣ୍ଠି ୨ ବର୍ଷ ପାଇଁ ବନ୍ଦ ହୋଇଥିବାରୁ ଏହାର ଘୋର ବିରୋଧ କରିଥିଲେ । କେନ୍ଦ୍ର ସରକାର କାହିଁକି ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ବିରୋଧୀ ଦଳର କେତେକ ସଦସ୍ୟ ପ୍ରଶ୍ନ ଉଠାଇଥିଲେ । ତୃଣମୂଳ କଂଗ୍ରେସ ନେତା ସୌଗତ ରାୟ ଓ ବିଜେଡି ସଦସ୍ୟ ପିନାକୀ ମିଶ୍ର ଏହି ପ୍ରସଙ୍ଗ ଉଠାଇଥିଲେ ।

ପିନାକୀ ମିଶ୍ର କହିଥିଲେ, ସାଂସଦମାନଙ୍କର ବେତନ ହ୍ରାସରେ କାହାରି ଆପତ୍ତି ନାହିଁ ମାତ୍ର ଏମ୍‌ପି ଲ୍ୟାଡ୍ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ସରକାର ଗୁରୁତ୍ୱର ସହ ଏଭଳି ନିଷ୍ପତ୍ତି ପୁନର୍ବିଚାର କରିବା ଉଚିତ୍ । କଂଗ୍ରେସ, ବହୁଜନ ସମାଜ ପାର୍ଟି, ବାମପନ୍ଥୀ ଦଳ, ଡିଏମ୍‌କେ, ୱାଇଏସ୍‌ଆର କଂଗ୍ରେସର ସଦସ୍ୟମାନେ ମଧ୍ୟ ଏମ୍‌ପି ଲ୍ୟାଡ୍ ବନ୍ଦକୁ ବିରୋଧ କରିଥିଲେ ।

## ଟିକା ପ୍ରସ୍ତୁତିରେ ଭାରତ ବହୁ ଆଗରେ: ବିଲ୍ ଗେଟ୍‌ସ

**ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:** କୋଭିଡ୍-୧୯ ଟିକା ପ୍ରସ୍ତୁତି କ୍ଷେତ୍ରରେ ଭାରତ ଯଥେଷ୍ଟ ଆଗରେ ରହିଛି । ଏହି ଅଗ୍ରଗତିକୁ ଦେଖି ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ତଥା ବିଶ୍ୱର ଅନ୍ୟତମ ଧନୀବ୍ୟକ୍ତି ବିଲ୍ ଗେଟ୍‌ସ କହିଛନ୍ତି ବିଶ୍ୱକୁ ଟିକା ଉତ୍ପାଦନ କ୍ଷେତ୍ରରେ ଭାରତର ସହଯୋଗ ଆବଶ୍ୟକ । ଭାରତ ବିଶ୍ୱର ଅନ୍ୟତମ ବୃହତ ଟିକା ଉତ୍ପାଦନକାରୀ ହୋଇଥିବାରୁ ବିପୁଳ ପରିମାଣର କୋଭିଡ୍ ଟିକା ପ୍ରସ୍ତୁତ କରିବା ଲାଗି ଭାରତର ସହାୟତା ଆବଶ୍ୟକ । ବିଲ୍ ଗେଟ୍ସ ଏକ ଗଣମାଧ୍ୟମ ସଂସ୍ଥାରେ ନିଜର ମତ ରଖି କହିଛନ୍ତି, ଭାରତ ଏକ ଅଗ୍ରଣୀ ଟିକା ଉତ୍ପାଦନକାରୀ ରାଷ୍ଟ୍ର । ଆମକୁ କୋଭିଡ୍-୧୯ ଟିକା ପ୍ରସ୍ତୁତ କରିବାରେ ଭାରତର ସହଯୋଗ ଆବଶ୍ୟକ । କୋଭିଡ୍-୧୯ ଟିକା ପାଇଁ ଆବଶ୍ୟକୀୟ କିଛି କ୍ଷମତାର ଉପଲବ୍ଧତା ପାଇଁ ବିଶ୍ୱ ଭାରତ ଉପରେ ଦୃଷ୍ଟି ରଖିଛି । ବିଲ୍ ଗେଟ୍ସ ଆହୁରି ବି କହିଛନ୍ତି ଯେ ଆସନ୍ତାବର୍ଷ ଭାରତରେ କୋଭିଡ୍-୧୯ ଟିକା ବାହାରିବାର ଅନେକ ସମ୍ଭାବନା ରହିଛି । ଭାରତ ଯଥାସମ୍ଭବ ଏହି ଟିକା ତୁରନ୍ତ ବାହାର କରୁ ବୋଲି ଆମେ ସମସ୍ତେ ଚାହୁଁଛୁ ।



# ବୈଦ୍ୟୁତିକ ଗଣମାଧ୍ୟମ ନିୟନ୍ତ୍ରଣ କରାଯିବା ଉଚିତ

**ନୂଆଦିଲ୍ଲୀ,୧୫।୯/ଏଜେନ୍ସି :** ଦେଶର ଅଧିକାଂଶ ବୈଦ୍ୟୁତିକ ଗଣମାଧ୍ୟମ ଟିଆର୍‌ପି ପଛରେ ମାତିଥିବାରୁ ସେଗୁଡ଼ିକର ନିୟନ୍ତ୍ରଣ ପ୍ରତି ଗୁରୁତ୍ୱାରୋପ କରିଛନ୍ତି ସୁପ୍ରିମକୋର୍ଟ । ମଙ୍ଗଳବାର ଏକ ମାମଲାର ଶୁଣାଣି କରି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଏଭଳି ମନ୍ତବ୍ୟ ପ୍ରଦାନ କରିଛନ୍ତି । ତେବେ ଯେକୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରେସ୍ ସ୍ୱାଧୀନତାକୁ ନିୟନ୍ତ୍ରଣ କରିବାର ପରିଣତି ଭୟଙ୍କର ହେବ ବୋଲି କେନ୍ଦ୍ର ସରକାର ଖଣ୍ଡପୀଠକୁ ଜଣାଇଛନ୍ତି । ସୁପ୍ରିମକୋର୍ଟଙ୍କ ମତରେ ଇଣ୍ଟରନେଟ୍‌କୁ ନିୟନ୍ତ୍ରଣ କରିବା କଷ୍ଟକର ବ୍ୟାପାର, ମାତ୍ର ବୈଦ୍ୟୁତିକ ଗଣମାଧ୍ୟମକୁ କିଛିମାତ୍ରାରେ ନିୟନ୍ତ୍ରଣ କରିବାରେ କିଛି ଅସୁବିଧା ହେବନାହିଁ । ସୁଦର୍ଶନ ଟିଭିର 'ବିନ୍ଦାସ ବୋଲ' କାର୍ଯ୍ୟକ୍ରମରେ ସରକାରୀ ଚାକିରୀରେ ମୁସଲିମଙ୍କ ନିଯୁକ୍ତି ପ୍ରସଙ୍ଗ ବିରୋଧରେ ଆଗତ ଏକ ପିଟିସନ୍‌ର ବିଚାର କରି ସୁପ୍ରିମକୋର୍ଟ ବୈଦ୍ୟୁତିକ ଗଣମାଧ୍ୟମର ଏପରି କାର୍ଯ୍ୟକ୍ରମକୁ ନାପସନ୍ଦ କରିଥିଲେ । ସୁପ୍ରିମକୋର୍ଟଙ୍କ ମତରେ ବୈଦ୍ୟୁତିକ ଗଣମାଧ୍ୟମଗୁଡ଼ିକ ସମାଜକୁ ଦିଗ୍‌ଦର୍ଶନ ଦେବା ଭଳି କାର୍ଯ୍ୟକ୍ରମ ପ୍ରସାରଣ କରିବା ଉଚିତ । ସମାଜରେ ଘୃଣା, ବିଦ୍ୱେଷ, ପକ୍ଷପାତ ବିଷୟକୁ ବନେଇ ଚୁନେଇ ପ୍ରସାରଣ କରିବା ଫଳରେ ବିବାଦୀୟ ପରିସ୍ଥିତି ଉପୁଜୁଛି । ସୁପ୍ରିମକୋର୍ଟଙ୍କ ମତାମତ ଶୁଣିବା ପରେ ସଲିସିଟର୍ ଜେନେରାଲ୍ ତୁଷାର ମେହେଟ୍ଟା ସାମ୍ବାଦିକଙ୍କ ସ୍ୱାଧୀନତାକୁ ପ୍ରାଥମିକତା ଦିଆଯିବା କଥା କହିଥିଲେ । ଖଣ୍ଡପୀଠର ଅନ୍ୟ ଦୁଇ ସଭ୍ୟ ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା ଓ ଜଷ୍ଟିସ୍ କେଏମ୍ ଜୋଶେଫ ସଲିସିଟର ଜେନେରାଲ୍ ମେହଟ୍ଟାଙ୍କ ଯୁକ୍ତିକୁ ସମ୍ପୂର୍ଣ୍ଣ ଗ୍ରହଣ କରିନଥିଲେ । ମେହଟ୍ଟାଙ୍କ ମତରେ କେତେକ ପ୍ରସଙ୍ଗରେ ବୈଦ୍ୟୁତିକ ଗଣମାଧ୍ୟମ ସରକାର ଓ ଲୋକଙ୍କ ମଧ୍ୟରେ ମଧ୍ୟସ୍ଥିର ଭୂମିକା ଗ୍ରହଣ କରିଥାନ୍ତି । ତେଣୁ ବୈଦ୍ୟୁତିକ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ଯୁକ୍ତିସଙ୍ଗତ ନୁହେଁ ବୋଲି ସରକାର ଭାବୁଛନ୍ତି । ସବୁ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପୁଣି ଥରେ ସୋସିଆଲ୍ ମିଡିଆ ନିୟନ୍ତ୍ରଣ କରିବା ପରିବର୍ତ୍ତେ ବୈଦ୍ୟୁତିକ ଗଣମାଧ୍ୟମ ଉପରେ ସାମାନ୍ୟ ଅଙ୍କୁଶ ଲଗାଇବାରେ ଅସୁବିଧା ହେବନି ବୋଲି କହିଛନ୍ତି । ମାତ୍ରାଧିକ ସ୍ୱାଧୀନତା ଦେବା ଆଦୌ ନ୍ୟାୟସଙ୍ଗତ ନୁହେଁ ବୋଲି ଜଷ୍ଟିସ୍ ଜୋଶେଫ କହିଛନ୍ତି ।



ଆଜିକାଲି ଖବରକାଗଜ ପରିବର୍ତ୍ତେ ଅଧିକାଂଶ ଲୋକ ବୈଦ୍ୟୁତିକ ଗଣମାଧ୍ୟମକୁ ପସନ୍ଦ କରୁଛନ୍ତି ବୋଲି ଖଣ୍ଡପୀଠ ସ୍ୱୀକାର କରିଛନ୍ତି । ତା' ସହିତ କେତେକ ବୈଦ୍ୟୁତିକ ଗଣମାଧ୍ୟମର ଅପରାଧିକ କାର୍ଯ୍ୟକଳାପ ପ୍ରତି ସନ୍ଦେହ ପ୍ରକାଶ କରିଛନ୍ତି । ସମାଜକୁ ପଥଭ୍ରଷ୍ଟ କରିବା ଦିଗରେ ଗଣମାଧ୍ୟମର ଭୂମିକା ସର୍ବାଧିକ ଥିବାରୁ ତା' ଉପରେ ସରକାରଙ୍କ ସାମାନ୍ୟ ଅଙ୍କୁଶ ରହିବା ଦରକାର ବୋଲି ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି ।

### ଚାଇନା ସ୍ତମ୍ଭକାରଙ୍କ ରୋଚକ ମନ୍ତବ୍ୟ

## ସୀମା ବିବାଦ ଜିନ୍‌ପିଙ୍ଗ୍‌ଙ୍କ ଭବିଷ୍ୟତ ପ୍ରତି ବିପଦ ଆଣିଛି

**ନୂଆଦିଲ୍ଲୀ,୧୫।୯/ଏଜେନ୍ସି:** ସୀମାକୁ ନେଇ ଭାରତ ପ୍ରତି ଚୀନ୍‌ର ଯେଉଁ ଆଭିମୁଖ୍ୟ ରହିଛି ତାହା ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରିଛି । ସୀମାରେ ଭାରତୀୟ ସେନା ନିକଟରେ ଚୀନ୍‌ର ପିପୁଲ୍ସ ଲିବରେସନ୍ ଆର୍ମି(ପିଏଲଏ) ଏକ ପ୍ରକାର ଫେଲ୍ ମାରିଥିବା ବେଳେ ଯେକୌଣସି ଠାରେ ଏବଂ ଯେକୌଣସି ରାଷ୍ଟ୍ରକୁ ଭୟଭୀତ କରିବା ନେଇ ରାଷ୍ଟ୍ରପତି ଜିନ୍‌ପିଙ୍ଗ ଯେଉଁ ଆଭିମୁଖ୍ୟ ରଖିଛନ୍ତି ତାହା ମଧ୍ୟ ବିଫଳ ହୋଇଛି ବୋଲି ଚୀନ୍‌ର ବରିଷ୍ଠ ଆଇନଜୀବୀ ତଥା ସ୍ତମ୍ଭକାର ଗର୍ଡନ ଜି ଚାଙ୍ଗ୍ କହିଛନ୍ତି । ଆନ୍ତର୍ଜାତିକ ସମ୍ବାଦପତ୍ର ନ୍ୟୁଜ୍‌ୱିକ୍‌ରେ ପ୍ରକାଶ ପାଇଥିବା ଏବଂ ଚାଙ୍ଗ୍‌ଙ୍କ ଦ୍ୱାରା ଲିଖିତ ଏକ ଲେଖାରେ ଏହି ବିଷୟରେ ଉଲ୍ଲେଖ କରାଯାଇଛି । ଭାରତ-ଚୀନ୍ ସୀମାରେ ଏଲଏସି ନିକଟରେ ପିଏଲଏ ଦ୍ୱାରା ଅଧିକ ଅଞ୍ଚଳରେ ଦଖଲ ହାସଲ କରିବାକୁ ଯେଉଁ ଯୋଜନା କରାଯାଇଥିଲା ତାହାର ମୁଖ୍ୟ ସୂତ୍ରଧର ଥିଲେ ସି ଜିନ୍‌ପିଙ୍ଗ । ସେ କେବଳ ଚୀନ୍‌ର ରାଷ୍ଟ୍ରପତି ନୁହନ୍ତି, ବରଂ ପିଏଲ୍‌ଏ'ର ପ୍ରମୁଖ ନେତା ଏବଂ ଚାଇନା କମ୍ୟୁନିଷ୍ଟ ପାର୍ଟିର ସେଣ୍ଟ୍ରାଲ ମିଲିଟାରୀ କମିଶନର ମଧ୍ୟ ସେ ଅଧକ୍ଷ । କିନ୍ତୁ ସୀମାନ୍ତରେ ଲାଗି ରହିଥିବା ସ୍ଥିତିକୁ ନେଇ ଭାରତୀୟ ସେନା ନିକଟରେ ପିଏଲଏ ଯେଉଁଭଳି ଭାବେ ଅସଫଳ ହୋଇଛି ତଦ୍ୱାରା ଜିନ୍‌ପିଙ୍ଗ୍‌ଙ୍କୁ ଫଳାଫଳ ଭୋଗିବାକୁ ପଡ଼ିବ ଏବଂ ଏହା ତାଙ୍କ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରିବ ବୋଲି ଚାଙ୍ଗ କହିଛନ୍ତି । ଗତ ମେ' ମାସରେ ପିଏଲ୍‌ଏ ଏଲ୍‌ଏସିର ଦକ୍ଷିଣ ଭାଗରେ ଥିବା ଲଦାଖର ବିଭିନ୍ନ ଅଞ୍ଚଳକୁ ଅଗ୍ରସର ହୋଇଥିଲେ । ଭାରତ-ଚୀନ୍ ସୀମାର କୌଣସି ନିର୍ଦ୍ଦିଷ୍ଟ ମାପଦଣ୍ଡ ନଥିବାରୁ ଚୀନ୍ ସେନା ଭାରତ ଆଡ଼କୁ ଅଗ୍ରସର ହେବାରେ ଲାଗିଥିଲେ । କିନ୍ତୁ ଜୁନ୍‌ରେ ଗଲୱାନ୍ ଘାଟି ନିକଟରେ ଉଭୟ ସେନା ମୁହାଁମୁହିଁ ହୋଇଥିବା ବେଳେ ଉଭୟ ପକ୍ଷର ସେନା ମୃତାହତ ହୋଇଥିଲେ । ଯାହାକି ବିଗତ ୪୫ ବର୍ଷ ମଧ୍ୟରେ କେବେ ବି ଘଟିନଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ପିଏଲଏ ପକ୍ଷରୁ ଭାରତୀୟ ସେନାଙ୍କୁ ପ୍ରତିହତ କରିବାକୁ ଯେଉଁ କଦମ୍ ଉଠାଯାଇଥିଲା ତା' ନିଷ୍ଫଳ ହୋଇଛି ବୋଲି ଚାଙ୍ଗ୍ କହିଛନ୍ତି । ବର୍ତ୍ତମାନ ଲଦାଖର ତିନୋଟି ଦକ୍ଷିଣାଞ୍ଚଳ ଭାରତ ନିୟନ୍ତ୍ରଣକୁ ଚାଲିଯାଇଛି ଯାହାକି ପୂର୍ବରୁ ଚୀନ୍ କବ୍‌ଜାରେ ରହିଥିଲା । ଭାରତୀୟ ସେନା ଏହି ଅଞ୍ଚଳରେ ନିଜର ପ୍ରଭୁତ୍ୱ ଜାରି ରଖିଥିବା ବେଳେ ପ୍ରତିପକ୍ଷ ସେନାକୁ କୌଣସି ସୁଯୋଗ ଦେଉ ନାହିଁ ବୋଲି ଚାଙ୍ଗ୍ ତାଙ୍କ ସ୍ତମ୍ଭରେ ପ୍ରକାଶ କରିଛନ୍ତି ।

## ଚୀନ୍‌ର ୫ ସାମଗ୍ରୀ ବ୍ୟାନ୍ କଲା ଆମେରିକା

**ୱାଶିଂଟନ୍, ୧୫।୯/ଏଜେନ୍ସି:** ଆମେରିକା ପୁଣି ଚୀନ୍ ବିରୋଧରେ କଠୋର ହୋଇଛି । ଚୀନ୍‌ରୁ ଆମଦାନୀ ହେଉଥିବା ୫ ପ୍ରକାରର ସାମଗ୍ରୀକୁ ବ୍ୟାନ୍ କରିଛି ଆମେରିକା । ଚୀନ୍‌ର ଜିନଜାଙ୍ଗ ପ୍ରଦେଶରୁ ଆମଦାନୀ ହେଉଥିବା ୫ଟି ସାମଗ୍ରୀକୁ ବ୍ୟାନ୍ କରାଯାଇଛି । ଏହି ସାମଗ୍ରୀଗୁଡିକ ହେଉଛି କଟନ, ହେୟାର ପ୍ରଡକ୍ଟସ, କମ୍ପ୍ୟୁଟର ଉପକରଣ ଓ ଟେକ୍ସଟାଇଲ । ଏ ସବୁ କ୍ଷେତ୍ରରେ ଚୀନ୍‌ରେ ବେଆଇନ ଭାବେ ଶ୍ରମିକଙ୍କୁ ବନ୍ଧକ ରଖି କାମ କରାଯାଉଥିବାରୁ ଟ୍ରମ୍ପ ପ୍ରଶାସନ ଏଭଳି କଡା ନିଷ୍ପତ୍ତି ନେଇଛନ୍ତି ।



### ଶୁକ୍ରଗ୍ରହରେ ଏଲିଅନ୍ ଦୁନିଆ

# ଏବେ ମଧ୍ୟ ଆଶଙ୍କାରେ ମହାକାଶ ବିଜ୍ଞାନୀ

**ୱାଶିଂଟନ୍,୧୫।୯/ଏଜେନ୍ସି :** ପୃଥିବୀ ବିନା ଅନ୍ୟ କୌଣସି ଗ୍ରହ ଉପଗ୍ରହରେ ଜୀବସତ୍ତା ଥିବା ସମ୍ପର୍କରେ ମହାକାଶ ବୈଜ୍ଞାନିକମାନେ ଦୀର୍ଘଦିନ ଧରି ଗବେଷଣା ଜାରି ରଖିଛନ୍ତି । ପୃଥିବୀ ପୃଷ୍ଠରୁ ମହାକାଶକୁ ଧ୍ୱନି ତରଙ୍ଗ ଛଡ଼ାଯିବା ଫଳରେ ତା'ର ପାଲଟା ଜବାବ ବୁଝିବାର ଶକ୍ତି ଆମ ବୈଜ୍ଞାନିକଙ୍କ ପାଖରେ ନାହିଁ । ମାତ୍ର କୌଣସି ନାକୌଣସି ଗ୍ରହ ଉପଗ୍ରହରେ ଏହି ବିସ୍ମୟ ପ୍ରାଣୀର ସଂସାର ରହିଥିବା ପ୍ରତୀୟମାନ ହେଉଛି । ସୌରମଣ୍ଡଳର ଗ୍ୟାସୀୟ ଗ୍ରହ ରୂପେ ପରିଚିତ ଶୁକ୍ରଗ୍ରହ ବାୟୁମଣ୍ଡଳରେ ଫସ୍‌ଫିନ୍ ସନ୍ଧାନ ପାଇଛନ୍ତି ନାସା ବିଜ୍ଞାନୀ । ଶୁକ୍ର ବାୟୁମଣ୍ଡଳରେ ଫସ୍‌ଫିନ୍ ରହିଥିବାର ଅର୍ଥ ଜୀବସତ୍ତାର ଉପସ୍ଥିତି । ଏଲିୟନ୍ ଦୁନିଆକୁ କାଳ୍ପନିକ ଆଖ୍ୟା ଦେଇ ବୈଜ୍ଞାନିକମାନେ ଦୃଷ୍ଟି ଏଡ଼ାଇ ଦେଇଥିଲେ ମଧ୍ୟ ବର୍ତ୍ତମାନ ଶୁକ୍ରଗ୍ରହର ବାୟୁମଣ୍ଡଳ ପୁଣି ବୈଜ୍ଞାନିକଙ୍କ ଦୃଷ୍ଟିକୋଣକୁ ବଦଳାଇ ଦେଇଛି । ଏଲିୟନ୍ ଯେ କଳ୍ପନାର ପାତ୍ର ନୁହେଁ ଏବେ ବୈଜ୍ଞାନିକମାନେ ଅସ୍ୱୀକାର କରିପାରିବେନି । 'ନେଚର୍ ଆଷ୍ଟ୍ରୋନୋମି'ରେ ପ୍ରକାଶିତ ଗବେଷଣାତ୍ମକ ରିପୋର୍ଟ ଅନୁସାରେ ଶୁକ୍ରଗ୍ରହର ବାୟୁମଣ୍ଡଳରେ ଫସ୍‌ଫିନ୍ ନାମକ ଗ୍ୟାସ୍ ଅଛି । ଆମେ ଯେଉଁ ଫସ୍‌ଫିନ୍ ସମ୍ପର୍କରେ ଜାଣିଛୁ, ସେଗୁଡ଼ିକରେ ଥିବା ମାଇକ୍ରୋବ୍ସ ଅମ୍ଳଜାନ ବିନା ବଞ୍ଚି ରହିଥାନ୍ତି । ଫସ୍‌ଫିନ୍ ଏପରି ଏକ ଗ୍ୟାସ୍ ଯାହା ଜୈବିକ ପ୍ରକ୍ରିୟା ଦେଇ ତିଆରି ହୋଇଥାଏ । ହାୱାଇର ଜେମ୍ସ କ୍ଲାର୍କ ମ୍ୟାକ୍ସବେଲ ଟେଲିସ୍କୋପ୍‌ର ଡେପୁଟି ଡାଇରେକ୍ଟର ଜେସିକା ଡେମ୍ପସୀ ଏହି ଗ୍ୟାସ୍‌ର ସନ୍ଧାନ ପାଇଛନ୍ତି । ସେ କହିଛନ୍ତି, ବର୍ଜ୍ୟବସ୍ତୁରୁ ସୃଷ୍ଟି ଫସ୍‌ଫିନ୍‌ର ମାଇକ୍ରୋବ୍ସ ବାଦଲରେ ମିଶିଯାଇଥାଏ । ବୃହସ୍ପତି ଓ ଶନିଗ୍ରହରେ ମଧ୍ୟ ଫସ୍‌ଫିନ୍‌ର ସନ୍ଧାନ ମିଳିଛି । କିନ୍ତୁ ବୃହସ୍ପତି ଓ ଶନିଗ୍ରହର ମାଇକ୍ରୋବ୍ସ ସହିତ ପୃଥିବୀ ଓ ଶୁକ୍ରର ମାଇକ୍ରୋବ୍ସ ତାଳମେଳ ରହୁନାହିଁ ।



ବୈଜ୍ଞାନିକଙ୍କ ମତରେ ଶୁକ୍ରପୃଷ୍ଠରେ ଜୀବସତ୍ତା ବଞ୍ଚି ରହିବା ଅସମ୍ଭବ । ମାତ୍ର ତା'ର ବାୟୁମଣ୍ଡଳରେ ଜୀବସତ୍ତା ଥିବାର ସଙ୍କେତ ମିଳୁଛି । ବାୟୁମଣ୍ଡଳର ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ୍ । ଡକ୍ଟର ଡେମ୍ପସୀ ଏହା ମଧ୍ୟ କହିଛନ୍ତି ଯେ ଶୁକ୍ର ବାୟୁମଣ୍ଡଳରେ ଜୀବସତ୍ତାର ସନ୍ଧାନ ପାଇଛନ୍ତି ବୋଲି ସେ ଦୃଢ଼ତାର ସହ କହିପାରିବେନି । ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ଜ୍ୟୋତିର୍ବିଜ୍ଞାନୀ ଷ୍ଟିଫେନ୍ କେନ୍ ମଧ୍ୟ ସମାନ କଥା କହିଛନ୍ତି । ତାଙ୍କ ମତରେ ତରବରିଆ ଭାବେ କିଛି କହିବା ଧୃଷ୍ଟତା ହେବ । ତେଣୁ ସବୁ ଦୃଷ୍ଟିକୋଣକୁ ତୀକ୍ଷ୍ଣତାର ଅନୁଧ୍ୟାନ କରିବା ପରେ ମତ ପ୍ରକାଶ କରାଯିବା ଦରକାର । ଶୁକ୍ରରେ ଜୀବସତ୍ତା ନଥିଲେ, ଫସ୍‌ଫିନ୍‌ର ସନ୍ଧାନ ମିଳିବାର ପ୍ରଶ୍ନ ଉଠୁନି । ଏହାର ଅର୍ଥ ଶୁକ୍ରରେ ଜୀବସତ୍ତା ତିଷ୍ଠି ରହିଛନ୍ତି । ମାତ୍ର ସେଗୁଡ଼ିକ ଆମ ଭଳି ସାଧାରଣ ମଣିଷ ହୋଇନପାରନ୍ତି । ସେଠାରେ ଯେଉଁ ମାଇକ୍ରୋବ୍ସର ସନ୍ଧାନ ମିଳିଛି । ତାହା ଆମ ବାୟୁମଣ୍ଡଳରେ ମିଳୁଥିବା ଫସ୍‌ଫିନ୍ ମାଇକ୍ରୋବ୍ସଠାରୁ ସମ୍ପୂର୍ଣ୍ଣ ଅଲଗା । ତୁଳନାତ୍ମକ ଭାବେ ଦେଖିଲେ, ଶୁକ୍ର ବାୟୁମଣ୍ଡଳରେ ୯୦% ଏସିଡ୍ ଭାଗ ଅଛି । ଗବେଷକ ଟିମର ମୁଖ୍ୟ ପ୍ରଫେସର୍ ଜିନ୍ ଗ୍ରୀବ୍ସଙ୍କ ସୂଚନା ମୁତାବକ ଯଦି ଶୁକ୍ରପୃଷ୍ଠରେ ଜୀବିତ ପ୍ରାଣୀର ସନ୍ଧାନ ମିଳିଯାଏ, ତା' ଉପରେ ଗବେଷଣା କରିବା ସହଜ ହେବନି । ତେଣୁ ସେଭଳି ଗବେଷଣାରେ ଅଯଥା ସମୟ ନଷ୍ଟ କରିବା ଅନୁଚିତ । ନାସା ମୁଖ୍ୟ ଜିମ୍ ବ୍ରାଇଡଷ୍ଟିନ୍ ଏହି ଗବେଷଣାକୁ ଶ୍ରେଷ୍ଠତମ ଅନୁଭୂତି ବୋଲି କହିଛନ୍ତି । ତାଙ୍କ ମତରେ ଏହା ଏକ ଜଟିଳ ବିଷୟ । ଶୁକ୍ରରେ ଫସ୍‌ଫିନ୍ ଥିବାର ଅର୍ଥ ଜୀବସତ୍ତାକୁ ସୁହାଉଥିବା ଭଳି ଅନ୍ୟ ମାଇକ୍ରୋବ୍ସଗୁଡ଼ିକ ନିଶ୍ଚିତ ରୂପେ ରହିଛି । ଆମକୁ ସେଗୁଡ଼ିକର ସନ୍ଧାନ ମିଳିବା ଦରକାର ।


ପ୍ରକାଶ ପାଇଛି

'ନନ୍ଦିକା'ର ସେପ୍ଟେମ୍ବର ୨୦୨୦ ସଂଖ୍ୟାରେ




ସାରସ୍ୱତ ଆତ୍ମକଥନ –
ଭାଷାର ଲକ୍ଷ୍ୟ ଜୀବନର ଅର୍ଥ ପରି ସ୍ଥିର
– ଟୋନୀ ମରିସନ
ସାରସ୍ୱତ ପରିକ୍ରମା
– ଅନ୍ତର୍ଜାତୀୟ ବୁକର୍ ପୁରସ୍କାର, ୨୦୨୦ ମାରିକ୍ ଲୁକାସ ରିଜନେଭେଲ୍ଡ
– ଷ୍ଟ୍ରୁଗା କବିତା ସନ୍ଧ୍ୟା ୨୦୨୦ ଓ ସୁବର୍ଣ୍ଣମାଳା ପୁରସ୍କାର
ଶତାବ୍ଦୀ ସ୍ମରଣ
– ଅମର କଥାକାର ଫଣୀଶ୍ୱର ନାଥ ରେଣୁ
– ଅଞ୍ଜୁମାନ ଆରା
ଚିନ୍ତନ
– ଅଶ୍ରୁତ ସ୍ୱର
– ମନୋଜ କୁମାର ମହାପାତ୍ର
କବିତା
– ଫେରନ୍ତି ଘର, କବିତାର ମୁହଁ – ଭଗବାନ ଜୟସିଂହ
– ବାପା – ରସାନନ୍ଦ ସାହୁ
– ପହଞ୍ଚିଯିବା – ଇପ୍‌ସିତା ଷଡ଼ଙ୍ଗୀ
– ଟାଉନ ବସ୍ ଝରକାରୁ
– ଶିଶିର ନାୟକ

ଗଳ୍ପ
– ଜଉଘର
– ପୁଷ୍ପାରାଣୀ ପଟେଲ
– ଟେବୁଲ୍ ଘଣ୍ଟା
– ହରେକୃଷ୍ଣ ସାହୁ
– ଆତ୍ମ ଅନ୍ୱେଷଣ
– ଜାନକୀ ବଲ୍ଲଭ ମହାପାତ୍ର
– ବରାଭୟ
– ଜ୍ଞାନରଞ୍ଜନ ନାୟକ
– ପର୍ଣ୍ଣ ମିଶ୍ର
– ଗଂଗାଧର ବିଶ୍ୱାଳ
– ତରଳି ଯାଉଥିବା ପଥରର ଶୋକ – କିଶୋର ଆକାଶ
– ଛାଇ
– ମହେନ୍ଦ୍ର କୁମାର ମିଶ୍ର

ଓ.ସା.ଏ ପୁରସ୍କାର
– ଦାକ୍ଷିଣାତ୍ୟ
– ଦେବଦାସ ଛୋଟରାୟ
ଭାରତୀୟ ଗଳ୍ପ:
ମହାମାରୀର ଗଳ୍ପ
– ପହିଲିମାନର ଢ଼ୋଲ
– ଫଣୀଶ୍ୱର ନାଥ ରେଣୁ
ବିଶ୍ୱ ସାହିତ୍ୟ : ମହାମାରୀର ଉପନ୍ୟାସ –
'ବ୍ଲାଇଣ୍ଡନେସ୍' – (ଅନୁବାଦ)

ଆପଣଙ୍କ ନିକଟସ୍ଥ ମ୍ୟାଗାଜିନ୍ ଷ୍ଟଲ୍ କିମ୍ବା ନିତିଦିନ NITIDIN ଏଜେଣ୍ଟଙ୍କ ସହ ଯୋଗାଯୋଗ କରନ୍ତୁ

ଠିକଣା: ନିତିଦିନ, ଟି.ଏସ୍-୨/୨୧୦ଏ, ଜୋନ୍-ବି, ସେକ୍ଟର-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦